**भाकृअनुप – राष्ट्रीय चावल अनुसंधान संस्थान**

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

**(An ISO 9001: 2015 Certified Institute)**

**ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଓଡ଼ିଶା ଏବଂ ପଶ୍ଚିମ ବଙ୍ଗ ରାଜ୍ୟରେ ବାତ୍ୟା ହେବାର ସମ୍ଭାବନା ଅଛି, ଯାହାର ନାମ 'ଦାନା' । ସମ୍ଭାବ୍ୟ ବାତ୍ୟା ଓ ମାତ୍ରାଧିକ ବର୍ଷା ପରିପ୍ରେକ୍ଷୀରେ ଧାନ ଫସଲର ସୁରକ୍ଷିତ ପରିଚାଳନା ପାଇଁ ପ୍ରଦତ୍ତ ପରାମର୍ଶ ଗ୍ରହଣ କରନ୍ତୁ ।**

- କଟା ଯାଇଥିବା ସମସ୍ତ ଧାନକୁ ଏକ ସୁରକ୍ଷିତ ସ୍ଥାନରେ ପଲିଥିନ ଘୋଡାଇ ସଂରକ୍ଷଣ କରନ୍ତୁ ।
- ମଧ୍ୟମ ଓ ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳି କରନ୍ତୁ ଓ ନାଳି ମୁହଁ ଖୋଲା ରଖନ୍ତୁ ।
- ବର୍ଷା ପବନ ବନ୍ଦ ହେବା ପରେ ଅମଳ ହୋଇଥିବା ଗଚ୍ଛିତ ଖାଦ୍ୟଶସ୍ୟକୁ ଭଣ୍ଡାରରୁ ବାହାର କରି ସୁରକ୍ଷିତ ସଂରକ୍ଷଣ ଆର୍ଦ୍ରତା (୧୪ ପ୍ରତିଶତ ଆର୍ଦ୍ରତା) ପର୍ଯ୍ୟନ୍ତ ଶୁଖାଇ ସୁପର ଗନି ବ୍ୟାଗରେ ଭର୍ତ୍ତି କରି ପୁଣିଥରେ ଭଣ୍ଡାରରେ ଗଚ୍ଛିତ କରନ୍ତୁ ।
- ଧାନ ସାଇତି ରଖିଥିବା ଶସ୍ୟ ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍ ଭଲ ଭାବେ ତାର୍‌ପୋଲିନ୍ ଘୋଡାଇ ଧୂଆଁକରନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍‌ରେ ଭଲରେ ବନ୍ଦ କରନ୍ତୁ, ଯେପରିକି ଧୂଆଁ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ପାତ୍ରର ମୁହଁ ଭଲଭାବରେ ବନ୍ଦ କରନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

  ବାଦାମୀଗୁଣ୍ଡିପୋକ, ଧଳା ପତ୍ରଡିଆଁ, ସବୁଜ ପତ୍ରଡିଆଁପୋକ ଏବଂ ଗନ୍ଧିପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଦାପୋକ ଦେଖାଯାଏ ।
- ଏହି ସମୟରେ ଧାନରେ ମାଟିଆଗୁଣ୍ଡିପୋକ (ଚକଡାପୋକ) ଏବଂ ଲେଦାପୋକ ଦେଖାଦେଲେ ତେବେ ଏକର ପିଛା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୦.୬ ଗ୍ରାମ୍ / ଲିଟର କିମ୍ବା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୦.୫ ମି.ଲି./ ଲିଟର କିମ୍ବା ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ୩ ଗ୍ରାମ୍ / ଲିଟର ପ୍ରୟୋଗ କରନ୍ତୁ । ଲେଦା ପୋକ ପାଇଁ କ୍ଲୋରୋପାଇରିଫସ୍ ୧.୫ % ୩୦ ଗ୍ରାମ୍ ପ୍ରତି ହେକ୍ଟର ।
- ସବୁବେଳେ ଧାନ ବିଲକୁ ନିରୀକ୍ଷଣ କରନ୍ତୁ । ଯେତେବେଳେ ରୋଗ ପୋକ ଦେଖାଯିବ ତୁରନ୍ତ ଆବଶ୍ୟକ କାଳୀନ ରୋଗ ପୋକ ପରିଚାଳନା କରନ୍ତୁ ।